# କବିତା-୧ : କାହା ମୁଖ ଅନାଇ ବଞ୍ଚିବି

## କବି- ଭକ୍ତ ଚରଣ ଦାସ

## ଶ୍ରେଣୀ – ନବମ

## ତୃତୀୟ ଦିନ

**General Objectives -** ସାଧାରଣ ଆଭିମୁଖ୍ୟ :

ଅକ୍ରୂରଠାରୁ କଂସର ଚିଟାଉ ପାଠ କରିବା ପରେ ମାତା ଯଶୋଦା ବିଷାଦିତ ହୃଦୟରେ ଶ୍ରୀକୃଷ୍ଣଙ୍କ ମଥୁରାଯାତ୍ରା କଥା ମନେ ପକାଇ ପୁଅର ସମସ୍ତ କଥା କାରୁଣ୍ୟୋକ୍ତି ମାଧ୍ୟମରେ ପ୍ରକାଶ କରିଛନ୍ତି ।

**Specific Objectives -** ବିଶେଷ ଆଭିମୁଖ୍ୟ :

'ମଥୁରା ମଙ୍ଗଳ' କାବ୍ୟର ଉପସ୍ଥାପନ ରୀତି, କଳ୍ପନାବିଳାସ, ରସସୃଷ୍ଟି ଓ ଚାତୁର୍ଯ୍ୟୋକ୍ତି ସର୍ବୋପରି ସରଳ ଓ ପ୍ରାଞ୍ଜଳ ଅଭିବ୍ୟକ୍ତି ମାଧ୍ୟମରେ ଉଚ୍ଚକୋଟୀର ବର୍ଣ୍ଣନା ଶୈଳୀ ସଂପର୍କରେ ଅବଗତ । ପଠନ, କଥନ, ଲିଖନ ଏବଂ ଶ୍ରବଣ ଦକ୍ଷତା ବୃଦ୍ଧି ସହିତ ବ୍ୟାବହାରିକ ଜ୍ଞାନ ଏବଂ ବ୍ୟାକରଣଗତ ବୋଧଜ୍ଞାନ ଶିକ୍ଷା ରୀତିଯୁଗୀୟ ସାହିତ୍ୟ ଏବଂ ଶବ୍ଦାବଳୀ ବିଷୟରେ ଜ୍ଞାନ ।

ODM EDUCATIONAL GROUP
Changing your Tomorrow

# Sub-Concepts:

ମାତା ଯଶୋଦାଙ୍କର ମାତୃ ହୃଦୟର ବାତ୍ସଲ୍ୟମମତା ଏବଂ ଅଭିବ୍ୟକ୍ତି ପ୍ରତିଫଳିତ ।

ପୂର୍ବପାଠର ଆଲୋଚନା –

(୧) ଯଶୋଦା କୃଷ୍ଣଙ୍କ ଶରୀରରେ କଣ ଲେପନ କରୁଥିଲେ ?

(୨) କୃଷ୍ଣଙ୍କ ଅନୁପସ୍ଥିତିରେ ଯଶୋଦା କେଉଁଠାରେ ଜୀବନ ହାରିବେ ବୋଲି କହିଛନ୍ତି ?

(୩) କୃଷ୍ଣ ରାଗିଗଲେ କଣ କରୁଥିଲେ ?

(୪) କୃଷ୍ଣ କାହାକୁ ଦେଖି ଭୟ କରୁଥିଲେ ?

(୫) କୃଷ୍ଣ ଡ଼ରିଗଲେ କଣ କରୁଥିଲେ ?

(୬) କୃଷ୍ଣ କେଉଁ ସ୍ଥାନକୁ ଉଠିପାରନ୍ତି ନାହିଁ ବୋଲି ଯଶୋଦା କହିଛନ୍ତି ?

ODM EDUCATIONAL GROUP
Changing your Tomorrow

**ସାରମର୍ମ :**

ଧନୁ ଉତ୍ସବ ଦର୍ଶନ ପାଇଁ ଶ୍ରୀକୃଷ୍ଣ ବଳରାମଙ୍କ ମଥୁରା ଗମନ ସମ୍ବାଦ ଶ୍ରବଣରେ ଗୋପପୁରବାସୀ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ଗୋପୀମାନେ ଅତ୍ୟନ୍ତ ଅଧୀରା ହୋଇ କାରୁଣ୍ୟୋକ୍ତି ପ୍ରକାଶ କରିଛନ୍ତି । ବୃଦ୍ଧକାଳର ଏକମାତ୍ର ପୁତ୍ର ଶ୍ରୀକୃଷ୍ଣ, ଯାହାକୁ ଦଣ୍ଡେ ନ ଦେଖିଲେ ମାତା ଯଶୋଦାଙ୍କ ପ୍ରାଣ ବିକଳି ଉଠୁଥିଲା, ମଥୁରା ଗମନ କଲେ ତାଙ୍କ ବିରହରେ ମାନସିକ ଭାରସାମ୍ୟ ରକ୍ଷାକରିବା ଯେ ଅସମ୍ଭବ ହୋଇଉଠିବ ଏହି ଭାବନାରେ ମାତୃହୃଦୟ ଭାଙ୍ଗିପଡ଼ିଛି । ଶ୍ରୀକୃଷ୍ଣଙ୍କ ଗୋପପୁର ତ୍ୟାଗ ସମ୍ବାଦରେ ଗୋପପୁରର ଆବାଳ-ବୃଦ୍ଧ-ବନିତା, ନନ୍ଦରାଜା ଓ ମାତା ଯଶୋଦାଙ୍କ ନୈରାଶ୍ୟଜର୍ଜର ଭାବାବେଗ କବିଙ୍କର କରୁଣ ରସାଶ୍ରିତ ବର୍ଣ୍ଣନାରେ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଛି ।

ODM EDUCATIONAL GROUP
Changing your Tomorrow

# କବିତା ଆବୃତ୍ତି ଓ ବ୍ୟାଖ୍ୟା

ଛାଇକି ଅନାଇ ଡରୁ ଧାଇଁ ମୋତେ କୋଳ କରୁ

ବସନେ ଘୋଡାଇ ମୁଖ ଟି ............ ପଦଗୁଡିକୁ ବ୍ୟାଖ୍ୟା କରାଯିବ ।

ODM EDUCATIONAL GROUP
Changing your Tomorrow

# ଶବ୍ଦାର୍ଥ ଏବଂ କଷ୍ଟ ଶବ୍ଦ ଲିଖନ

ବ୍ୟାକରଣଗତ ବ୍ୟାଖ୍ୟା ।

**ଅଙ୍ଗ**

- ଅଂଶ
- ଅବୟବ

**ବନ**

- ବିପିନ
- ବନସ୍ତ
- ଅରଣ୍ୟ

**ବିପରୀତ ଶବ୍ଦ**

ବିଚ୍ଛେଦ - ମିଳନ

ନିଦ୍ରା – ଜାଗ୍ରତ

ସୁଦ୍ଧା – ତଥାପି

ସୁଧା - ଅମୃତ

ODM EDUCATIONAL GROUP
Changing your Tomorrow

ଯେତେବେଳେ ବନେ ଯାଇ ସଙ୍ଗରେ ମୋ ପ୍ରାଣ ନେଇ
ନିମିଷେ ବିଚ୍ଛେଦ ନ ସହଇ ।
ଏବେ ଯିବୁ ମଥୁରାକୁ , ମୋତେ ସମର୍ପି କାହାକୁ
ଚନ୍ଦ୍ରମୁଖ ନ ଦେଖିଲେ ମୁହିଁରେ ଜୀବଧନ ।
ଜୀବନ ହାରିବି ଗଣ୍ଡ ଜଳେ ।
ତୁ ମୋତେ ଅନ୍ତର ହେଲେ ତିଳେ ରେ । ୪ ।



ବିଚ୍ଛେଦ – ବିରହ .

ନିମିଷେ – ଅଳ୍ପସମୟ ପାଇଁ / ମୁହୂର୍ତ୍ତକ ପାଇଁ ।
ଗଣ୍ଡ – ଗଭୀର ।
ଅନ୍ତର – ଦୂର ହେବା ।
ଅଧାମ – ରାବିଡ଼ି / ଛେନା ।
ତିଳେ – ସାମାନ୍ୟ ମାତ୍ର ସମୟ ।

ODM EDUCATIONAL GROUP
Changing your Tomorrow

ସରଲବଣୀ ଅଧାମ                ପକ୍ୱରମ୍ଭା ସୁଧାସମ

ମୁଖେ ଦେଲେ ଥୁ ଥୁ କରି ଫିଙ୍ଗୁ ।

ଯେତେ ରୂପେ ନାଚିଆଇ                ପରଷଇ ବଳିଆଇ

କୋପେ ଉଠି ପାକଭାଣ୍ଡ ଭାଙ୍ଗୁ ରେ ଜୀବଧନ ।

ଏବେ ଦୂର ହୋଇବ ସେ କଥା

କି ନ କରେ ଦାରୁଣ ବିଧାତା ରେ । ୫ ।



ଛାଇକି ଅନାଇଁ ଡରୁ ଧାଇଁ ମୋତେ କୋଳ କରୁ

ବସନେ ଘୋଡ଼ାଇ ମୁଖ ଗୋଟି

ହେଉଥାଉ ଥରହର ଦେଖିଲେ ଅନ୍ଧାର ଘର

ଉଚ୍ଚ ପାବଚ୍ଛ ନପାରୁ ଉଠି ରେ ଜୀବଧନ

ମଧୁପୁରେ ହସ୍ତୀ ଘୋଡ଼ାମାନ

ଗର୍ଜିଲେ ନ ପୁଣ ଡରୁ ଶ୍ୟାମ ରେ । ୬ ।



ODM EDUCATIONAL GROUP
Changing your Tomorrow

## ଗୃହକର୍ମ :

ବ୍ୟାକରଣଗତ ଶବ୍ଦ ମୁଖସ୍ଥ କର ।

୧୦ଟି MCQ ପ୍ରସ୍ତୁତ କର ।

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP